# NATIONAL NEWS BULLETIN (ODIA)

**26 October - 2025**

**Morning Bulletin : 7.15 a.m.**

******************************

## ମୁଖ୍ୟ ସମ୍ବାଦ

- ୨୨ତମ ଆସିଆନ୍ ଭାରତ ଶିଖର ସମ୍ମିଳନୀରେ ଆଜି ଆଭାସୀ ଜରିଆରେ ଯୋଗଦେବେ ପ୍ରଧାନମନ୍ତ୍ରୀ ।
- ସେଚେଲ୍ସର ରାଷ୍ଟ୍ରପତିଙ୍କ ଶପଥଗ୍ରହଣ ସମାରୋହରେ ଯୋଗଦେବା ଲାଗି ଆଜିଠାରୁ ଦୁଇଦିନିଆ ବିଦେଶ ଗସ୍ତରେ ଯିବେ ଉପରାଷ୍ଟ୍ରପତି ।
- ମନ୍ କି ବାତ୍‌ରେ ଆଜି ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ।
- ସମ୍ଭାବ୍ୟ ସାମୁଦ୍ରିକ ଝଡ଼ 'ମନ୍ଥା'ର ମୁକାବିଲା ଲାଗି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ।

ଏବଂ

- ଆଇସିସି ମହିଳା ବିଶ୍ୱକପରେ ଆଜି ଖେଳାଯିବ ଦୁଇଟି ମ୍ୟାଚ୍ ।

# ପିଏମ୍-ଆସିଆନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆଭାସୀ ଜରିଆରେ ୨୨ତମ ଆସିଆନ - ଭାରତ ଶିଖର ସମ୍ମିଳନୀରେ ଯୋଗଦେବେ। ଏକ ବିବୃତ୍ତିରେ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଆସିଆନ ନେତାମାନେ ମିଳିତ ଭାବରେ ଆସିଆନ-ଭାରତ ସମ୍ପର୍କରେ ପ୍ରଗତି ସମୀକ୍ଷା

କରିବେ ଏବଂ ବ୍ୟାପକ ରଣନୈତିକ ସହଭାଗୀତାକୁ ମଜବୁତ କରିବା ପାଇଁ ପଦକ୍ଷେପ ବିଷୟରେ ଆଲୋଚନା କରିବେ। ଏଥିରେ କୁହାଯାଇଛି ଯେ, ଆସିଆନ ସହିତ ସମ୍ପର୍କକୁ ମଜବୁତ କରିବା ଭାରତର ଆକ୍ଟ ଇଷ୍ଟ ନୀତି ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଦୃଷ୍ଟିକୋଣର ଏକ ପ୍ରମୁଖ ସ୍ତମ୍ଭ। ଆସନ୍ତା ୨୭ ତାରିଖରେ କୁଆଲାଲମ୍ପୁରରେ ଅନୁଷ୍ଠିତ ହେବାକୁ ଥିବା ୨୦ତମ ପୂର୍ବ ଏସିଆ ସମ୍ମିଳନୀରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କର ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରତିନିଧିତ୍ୱ କରିବେ। ପୂର୍ବ ଏସିଆ ସମ୍ମିଳନୀ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧି ପାଇଁ ଥିବା ଆହ୍ୱାନ ଉପରେ ବିଚାର ବିମର୍ଶ କରିବା ଏବଂ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ବିକାଶ ଉପରେ ମତ ଆଦାନପ୍ରଦାନ କରିବାର ସୁଯୋଗ ପ୍ରଦାନ କରିବ।

## ଭାଇସ୍ ପ୍ରେଜ୍ ସେଚେଲ୍ସ

ସେଚେଲ୍ସର ନିର୍ବାଚିତ ରାଷ୍ଟ୍ରପତି ଡକ୍ଟର ପାଟ୍ରିକ୍ ହର୍ମିନିଙ୍କ ଶପଥ ଗ୍ରହଣ ସମାରୋହରେ ଯୋଗଦେବା ପାଇଁ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍ ଆଜି ସେଚେଲ୍ସକୁ ଦୁଇ ଦିନିଆ ଗସ୍ତରେ ଯିବେ। ଏକ ବିବୃତ୍ତିରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ ଏହି ଗସ୍ତ ସମୟରେ ଉପରାଷ୍ଟ୍ରପତି ଡକ୍ଟର ହର୍ମିନିଙ୍କୁ ଭାରତର ଅଭିନନ୍ଦନ ଜଣାଇବେ ଏବଂ ଦୁଇ ଦେଶ ମଧ୍ୟରେ ଘନିଷ୍ଠ, ଦୀର୍ଘକାଳୀନ ଏବଂ ସମୟ ପରୀକ୍ଷିତ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା କରିବେ।

ଭାରତର ଭିଜନ ମହାସାଗର ଅଧୀନରେ ସେଚେଲ୍ସ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର। ଏହି ଗସ୍ତ ସେଚେଲ୍ସ ସହିତ ଏହାର ସହଭାଗୀତାକୁ ଆହୁରି ମଜବୁତ ଏବଂ ବିସ୍ତାର କରିବା ପାଇଁ ଭାରତର ଗଭୀର ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି ।

## ଛଟ୍-ଖର୍ନା

ଛଟ୍ ପୂଜାର ଆଜି ଦ୍ୱିତୀୟ ଦିନରେ ଶ୍ରଦ୍ଧାଳୁମାନେ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଉପବାସ ରଖିଛନ୍ତି । ଏହାକୁ ଖର୍ନା କୁହାଯାଏ । ସୂର୍ଯ୍ୟାସ୍ତ ସମୟରେ ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ଅର୍ପଣ କରିବା ପରେ ଶ୍ରଦ୍ଧାଳୁମାନେ ଖାଦ୍ୟଗ୍ରହଣ କରିବେ । ୪ ଦିନ ବ୍ୟାପୀ ଛଟ୍‌ପୂଜା ଗତକାଲି ଆରମ୍ଭ ହୋଇଥିଲା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଛଟ୍‌ପର୍ବ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ କହିଛନ୍ତି ଏହି ୪ ଦିନିଆ ଛଟ୍ ପର୍ବର ଗଭୀର ସାଂସ୍କୃତିକ ଗୁରୁତ୍ୱ ରହିଛି । ବିଶ୍ୱର କୋଣଅନୁକୋଣରେ ରହୁଥିବା ଭାରତୀୟ ପରିବାରଗୁଡ଼ିକ ଭକ୍ତିର ସହ ଏହି ପୂଜାରେ ଅଂଶଗ୍ରହଣ କରିଥାନ୍ତି । ପ୍ରଧାନମନ୍ତ୍ରୀ ଏହି ଅବସରରେ ଛଟି ମୟାଙ୍କ ପାଇଁ ଉତ୍ସର୍ଗୀକୃତ ଏକ ଭକ୍ତିପୂର୍ଣ୍ଣ ଗୀତ ସେୟାର କରିଛନ୍ତି ।

**V/O (Chhat Song)**

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ପୂର୍ବାହ୍ନ ୧୧ଟାରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ତାଙ୍କର ମାସିକ ରେଡିଓ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୨୭ତମ ସଂସ୍କରଣ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ ଏହାର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରିବ ।

## ଶିବରାଜ-ଫାର୍ମରସ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଅଧୀନରେ ରାମନାଥପୁରମ, ଶିବଗଙ୍ଗା, ଥୁଥୁକୁଡି ଏବଂ ବିରୁଧୁନଗର ଜିଲ୍ଲାକୁ ଅନ୍ତର୍ଭୁକ୍ତ କରାଯାଇଛି । ଗତକାଲି ଭେଲୋରରେ କୃଷକମାନଙ୍କ ସହ ଆଲୋଚନା କରିବା ଅବସରରେ ଶ୍ରୀ ଚୌହ୍ୱାନ କହିଛନ୍ତି ଏହି ପ୍ରକଳ୍ପ ଅଧୀନରେ ଅଧିକ ଲାଭ ପ୍ରଦାନ କରିବା ପାଇଁ ୩୬ଟି ଯୋଜନାକୁ ସମନ୍ୱିତ କରାଯାଉଛି । ମନ୍ତ୍ରୀ ଶ୍ରୀ ଚୌହ୍ୱାନ ୪ଟି କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟଙ୍କ ସହ ଯୋଜନାର ଅଗ୍ରଗତି ନେଇ ସମୀକ୍ଷା

କରିଥିଲେ । ସେ କହିଥିଲେ ତାମିଲନାଡୁ ଭଳି ରାଜ୍ୟ ଉନ୍ନତ କିଶମ, ପ୍ରଯୁକ୍ତି ବିଦ୍ୟା ଓ ନିଶ୍ଚିତ ବିପଣନ ମାଧ୍ୟମରେ ଏହି ଯୋଜନାରେ ଅଧିକ ଲାଭାନ୍ୱିତ ହେବ । ଶ୍ରୀ ଚୌହ୍ୱାନ ତାମିଲନାଡୁ କୃଷି ବିଶ୍ୱବିଦ୍ୟାଳୟ ଅଧୀନରେ ଭାମ୍ବନସ୍ଥିତ ଜାତୀୟ ଡାଲି କେନ୍ଦ୍ର ଦ୍ୱାରା ବିକଶିତ ଉନ୍ନତ ଡାଲି କିଶମକୁ ପ୍ରଶଂସା କରିଛନ୍ତି ।

## ସାଇକ୍ଲୋନ-ମନ୍ଥା

ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଆସନ୍ତାକାଲି ସକାଳ ସୁଦ୍ଧା ସାମୁଦ୍ରିକଝଡ଼ରେ ପରିଣତ ହେବାର ସମ୍ଭାବନା ରହିଛି । ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ସାମୁଦ୍ରିକଝଡ଼ 'ମନ୍ଥା' ମଙ୍ଗଳବାର ସଂଧ୍ୟାରେ କିମ୍ବା ରାତିରେ ଏକ ଭୟଙ୍କର ସାମୁଦ୍ରିକ ଝଡ଼ ଭାବରେ ଆନ୍ଧ୍ରପ୍ରଦେଶ ଉପକୂଳ କାକିନାଡ଼ା ନିକଟରେ ସ୍ଥଳଭାଗ ଛୁଇଁବ ବୋଲି ପ୍ରାରମ୍ଭିକ ଆକଳନ କରାଯାଇଛି । ଏହାର ପ୍ରଭାବରେ ଆନ୍ଧ୍ରପ୍ରଦେଶ, ଓଡ଼ିଶା ଏବଂ ପଶ୍ଚିମବଙ୍ଗରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ।

ସାମୁଦ୍ରିକ ଝଡ଼ ମନ୍ଥାକୁ ଦୃଷ୍ଟିରେ ରଖି କ୍ୟାବିନେଟ୍ ସଚିବ ଡକ୍ଟର ଟି.ଭି. ସୋମନାଥନ ଜାତୀୟ ବିପର୍ଯ୍ୟୟ ପରିଚାଳନା କମିଟିର ଏକ ବୈଠକରେ ସମୀକ୍ଷା କରିଛନ୍ତି । ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ସାମୁଦ୍ରିକ ଝଡ଼ ମନ୍ଥା ଦେଶର ପୂର୍ବ ଏବଂ ଦକ୍ଷିଣ ଉପକୂଳର ବିଭିନ୍ନ ରାଜ୍ୟ ଅତିକ୍ରମ କରିବ । ଏହି ବୈଠକରେ ତାମିଲନାଡୁ, ଆନ୍ଧ୍ରପ୍ରଦେଶ,

ପୁଡୁଚେରୀ ଓ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଯୋଗଦେଇ ପ୍ରସ୍ତୁତି ପଦକ୍ଷେପ ବିଷୟରେ କମିଟିକୁ ଅବଗତ କରାଇଛନ୍ତି । ବିଭିନ୍ନ କେନ୍ଦ୍ରୀୟ ସଂସ୍ଥା ଏବଂ ରାଜ୍ୟ ସରକାର ଗୁଡ଼ିକ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରି କ୍ୟାବିନେଟ୍ ସଚିବ ଡକ୍ଟର ସ୍ୱାମୀନାଥନ କହିଛନ୍ତି ଏନ୍‌ଡିଆର୍‌ଏଫ୍ ସହିତ ସେନା, ନୌସେନା, ବାୟୁସେନା ଏବଂ ଭାରତୀୟ ତଟରକ୍ଷୀ ବାହିନୀର ଉଦ୍ଧାର ଏବଂ ରିଲିଫ ଦଳକୁ ପ୍ରସ୍ତୁତ ରଖାଯାଇଛି । ଏହିସମୟ ମଧ୍ୟରେ ମତ୍ସ୍ୟଜୀବୀମାନଙ୍କୁ ଚଳିତମାସ ୨୯ ତାରିଖ ପର୍ଯ୍ୟନ୍ତ ବଙ୍ଗୋପସାଗର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଛି । ସମ୍ଭାବ୍ୟ ସାମୁଦ୍ରିକଝଡ଼ର ମୁକାବିଲା ନିମନ୍ତେ କେନ୍ଦ୍ରୀୟ ମନ୍ତ୍ରଣାଳୟ ସମେତ ବିଭିନ୍ନ ସଂସ୍ଥାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିବା କ୍ୟାବିନେଟ୍ ସଚିବ କହିଛନ୍ତି ।

## ଜିଏସ୍‌ଟି ରିଫର୍ମସ - ହେଲ୍‌ଥ କେୟାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଗତ ମାସ ୨୨ ତାରିଖରେ ଘୋଷଣା ସହ ଦେଶରେ ଆରମ୍ଭ ହୋଇଥିଲା ଜିଏସଟି ସଂଚୟ ଉତ୍ସବ। ସେହିଦିନ ଠାରୁ ସାରା ଦେଶର ଲୋକମାନେ ପ୍ରତ୍ୟେକଟି କ୍ଷେତ୍ରରେ ଲାଭ ପାଉଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂତନ ଜିଏସ୍‌ଟି ହାର ନାଗରିକମାନଙ୍କୁ ସାହାଯ୍ୟ କରୁଛି।

ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ଔଷଧ, ଉପକରଣ ଏବଂ ଅତ୍ୟାବଶ୍ୟକ ସେବା ପାଇଁ ଖର୍ଚ୍ଚ ହ୍ରାସ କରି ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଆଶ୍ୱସ୍ତି

ପ୍ରଦାନ କରିଛି। ଅତ୍ୟାବଶ୍ୟକ ଔଷଧ ଉପରେ ପୂର୍ବରୁ ୧୨ ପ୍ରତିଶତ ଟିକସ ଥିଲା, ଯାହାକୁ ଏବେ ୫ ପ୍ରତିଶତକୁ ହ୍ରାସ କରାଯାଇଛି ଏବଂ ୩୬ଟି ଜୀବନ ରକ୍ଷାକାରୀ ଔଷଧକୁ ଟିକସରୁ ସମ୍ପୂର୍ଣ୍ଣ ମୁକ୍ତ କରାଯାଇଛି, ଯାହା ଦ୍ୱାରା ଦୀର୍ଘକାଳୀନ ଏବଂ ଗୁରୁତର ରୋଗର ଚିକିତ୍ସା ଅଧିକ ସୁଲଭ ହୋଇଛି। ଗଜ୍, ବ୍ୟାଣ୍ଡେଜ୍, ଡାଇଗ୍ନୋଷ୍ଟିକ୍ କିଟ୍ ଏବଂ ଥର୍ମୋମିଟର ଭଳି ଚିକିତ୍ସା ଉପକରଣଗୁଡ଼ିକ ଉପରେ ଜିଏସଟି ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି। ଏହି ଟିକସ ହ୍ରାସ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ସେବାକୁ ଶସ୍ତା କରିଛି।

ଦିଲ୍ଲୀର ଜଣେ ଫାର୍ମାସିଷ୍ଟ ମନୀଷ କୁମାର କହିଛନ୍ତି ଯେ ଜିଏସଟି ହ୍ରାସ ଯୋଗୁଁ ଔଷଧର ମୂଲ୍ୟ ହ୍ରାସ ପାଇଛି ଓ ଗ୍ରାହକଙ୍କୁ ଆଶ୍ୱସ୍ତି ପ୍ରଦାନ କରୁଛି।

**V/O (Manish Kumar)**

## ସିବିଆଇ ଲଖବିନ୍ଦର

ବୈଦେଶିକ ମନ୍ତ୍ରଣାଳୟ ଏବଂ ଗୃହ ମନ୍ତ୍ରଣାଳୟ ସହିତ ସମନ୍ୱୟରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ - ସିବିଆଇ ପଳାତକ ଘୋଷିତ ଲଖବିନ୍ଦର କୁମାରଙ୍କୁ ଆମେରିକାରୁ ଭାରତ ଆଣିଛି। ସିବିଆଇ କହିଛି, ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ଜଣେ ପ୍ରମୁଖ ସହଯୋଗୀ କୁମାରଙ୍କୁ ଗତକାଲି ଆମେରିକାରୁ ଆଣି ଦିଲ୍ଲୀ ବିମାନବନ୍ଦରରେ ପହଂଚିବା ପରେ ହରିୟାଣା ପୋଲିସର ଏକ ଦଳ ତାଙ୍କୁ ଗିରଫ କରିଥିଲା। କୁମାର ହରିୟାଣାରେ ଅର୍ଥ ଆଦାୟ, ଭୟଭୀତ କରିବା, ଅବୈଧ ଅସ୍ତ୍ରଶସ୍ତ୍ର ରଖିବା ଏବଂ ବ୍ୟବହାର କରିବା ଓ ହତ୍ୟା ପ୍ରୟାସ ସହିତ ବହୁ ଅପରାଧିକ ମାମଲାରେ ଜଡିତ ଅଛି । ହରିୟାଣା ପୋଲିସର ଅନୁରୋଧ

ପରେ ସିବିଆଇ ଗତବର୍ଷ ଅକ୍ଟୋବର ୨୬ରେ ଲଖବିନ୍ଦର ବିରୁଦ୍ଧରେ ଇଣ୍ଟରପୋଲ ରେଡ୍ ନୋଟିସ ଜାରି କରିଥିଲା। ସିବିଆଇ ଇଣ୍ଟରପୋଲ ସହାୟତାରେ ଭାରତ ପୋଲ ପ୍ଲାଟଫର୍ମ ଜରିଆରେ ଆମେରିକାରୁ ତାକୁ ଠାବ କରିଥିଲା ।

ଅନ୍ତର୍ଜାତୀୟ ସହଯୋଗ ମାଧ୍ୟମରେ ଗତ କିଛି ବର୍ଷ ମଧ୍ୟରେ ସିବିଆଇ ୧୩୦ ଜଣରୁ ଅଧିକ ପଳାତକ ଅପରାଧୀଙ୍କୁ ଫେରାଇ ଆଣିବାରେ ସଫଳ ହୋଇଛି ।

# କ୍ରିକେଟ୍-ଓମେନ୍ ୱାର୍ଲ୍ଡକପ

ଆଇସିସି ମହିଳା ବିଶ୍ୱକପରେ ଆଜି ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ପୂର୍ବାହ୍ନ ୧୧ଟାରେ ବିଶାଖାପଟନମର **ACA-VDCA** କ୍ରିକେଟ ଷ୍ଟାଡିୟମରେ ଇଂଲଣ୍ଡ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକାବିଲା ହେବ ।

ଦ୍ୱିତୀୟ ମ୍ୟାଚ୍ ଭାରତୀୟ ସମୟ ଅପରାହ୍ଣ ୩ଟାରେ ଖେଳାଯିବ । ନଭିମୁମ୍ବାଇସ୍ଥିତ ଡକ୍ଟର ଡିୱାଇ ପାଟିଲ ସ୍ପୋର୍ଟ୍ସ ଏକାଡେମୀରେ ଭାରତ ଏବଂ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ହେବ । ଏହି ବିଶ୍ୱକପ୍‌ରେ ଆସନ୍ତା ୨୯ ତାରିଖରେ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ସେମିଫାଇନାଲ ଏବଂ ୩୦ ତାରିଖରେ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ।